


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଅପ୍ରେଲ-୨୦୨୧ APRIL - 2021


## ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଜନ୍ମୋତ୍ସବ



ଦୈତ୍ୟରାଜ ହିରଣ୍ୟକଶିପୁ ଯେତେବେଳେ ସ୍ତମ୍ଭକୁ ଆଘାତ କଲେ, ସେତେବେଳେ ଭକ୍ତ ପ୍ରହ୍ଲାଦଙ୍କର ବାକ୍ୟକୁ ସାର୍ଥକ କରିବା ନିମିତ୍ତ ତଥା ତାଙ୍କ ଅଭୀଷ୍ଟ ସିଦ୍ଧି ପାଇଁ, ଭଗବାନ ସମସ୍ତ ଲୋକଙ୍କୁ ଚକିତ କରି ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀର ସନ୍ଧ୍ୟା ସମୟରେ ଭୟଙ୍କର ଗର୍ଜନ ସହ ମନୁଷ୍ୟ ଶରୀର ଏବଂ ସିଂହ ମୁଖ, ବଡ଼ ବଡ଼ ନଖ ଓ ଦନ୍ତ ପଂକ୍ତି, ପ୍ରଜ୍ୱଳିତ ନେତ୍ର, ସ୍ୱର୍ଣ୍ଣିମ ସଟା, ଅତ୍ୟନ୍ତ ଉଗ୍ର ଭୀଷଣ ମୁଖାକୃତି ନେଇ ଆବିର୍ଭୂତ ହେଲେ । ସ୍ୱୟଂ ପ୍ରକାଶ ପରମାତ୍ମା ଯେତେବେଳେ ଭକ୍ତଙ୍କୁ ସୁଖ ପ୍ରଦାନ ନିମିତ୍ତ ଅବତାର ଗ୍ରହଣ କରିଥାନ୍ତି ସେତେବେଳେ ସେ ତିଥି ଏବଂ ମାସ ମଧ୍ୟ ପୁଣ୍ୟର କାରଣ ହୋଇଥାଏ ।

'କୃତ୍ୱା ନୃସିଂହବପୁରାତ୍ମନଃ ପରଂ ହିତାୟ ଲୋକସ୍ୟ ସନାତନୋ ହରିଃ ।
ଜଘାନ ଯସ୍ତୀକ୍ଷ୍ଣନଖୈର୍ଦ୍ଦିତେଃ ସୁତଂ ତଂ ନାରସିଂହଂ ପୁରୁଷଂନମାମି ।।'

ଯେଉଁ ସନାତନ ଭଗବାନ ହରି ତ୍ରିଲୋକର ହିତ ନିମିତ୍ତ ଶ୍ରେଷ୍ଠ ନୃସିଂହ ରୂପ ଧାରଣ କରି ନିଜର ତୀକ୍ଷ୍ଣ ନଖ ଦ୍ୱାରା ଦିତି ନନ୍ଦନ ହିରଣ୍ୟକଶିପୁର ବଧ କରିଥିଲେ, ସେହି ପରମପୁରୁଷ ଭଗବାନ ନରସିଂହଙ୍କୁ ମୁଁ ପ୍ରଣାମ କରୁଛି ।

ଉକ୍ତ ଦିନ ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ଶେଷ ହେବାପରେ ପ୍ରସାଦ ବାହାରି ପାଣି ପଡ଼ିବା ଉତ୍ତାରୁ ମହାଜନ ପୁଷ୍ପାଳକମାନେ ଦକ୍ଷିଣି ଘରୁ ଶ୍ରୀନୃସିଂହଙ୍କୁ ରତ୍ନସିଂହାସନକୁ ବିଜେ କରାଇଥାନ୍ତି । ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ମହାଜନମାନେ ମୁକ୍ତିମଣ୍ଡପ ଉପରେ ଶ୍ରୀନୃସିଂହଙ୍କୁ ଖଟୁଲିରେ ବିଜେ କରାନ୍ତି । ଅତ୍ରସ୍ଥ ଶ୍ରୀନୃସିଂହ ମନ୍ଦିର ଏବଂ ମୁକ୍ତିମଣ୍ଡପସ୍ଥ ଶ୍ରୀନୃସିଂହଙ୍କ ମହାସ୍ନାନ ପୂଜା ଯଥାକ୍ରମେ ପତିମହାପାତ୍ର ଏବଂ ପୂଜାପଣ୍ଡା ସାମନ୍ତ କରିଥାନ୍ତି । ମହାସ୍ନାନ ନୀତି ବଢ଼ିବା ପରେ ଉଭୟ ଶ୍ରୀନୃସିଂହ ବିଗ୍ରହଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳ ଭୋଗ ନୈବେଦ୍ୟ ସମର୍ପିତ ହୋଇଥାଏ । ତତ୍ପରେ ଶ୍ରୀନୃସିଂହଙ୍କୁ ବନ୍ଦାପନା ପୂର୍ବକ ମହାଜନ ସେବକଙ୍କ ହସ୍ତରେ ବିଜେ ହୋଇ ଝୁଲଣମଣ୍ଡପ ତଳେସ୍ଥିତ ବିମାନରେ ବିଜେ ହୁଅନ୍ତି । ବିମାନବଡୁ ସେବକମାନେ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରାଇବା ପରେ ସେଠାରେ ଭୋଗ ବନ୍ଦାପନାଦି ନୀତି ଅନୁଷ୍ଠିତ ହୁଏ । ତାହାପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହେବା ପରେ ଶ୍ରୀନୃସିଂହ ଦକ୍ଷିଣି ଘରେ ବିରାଜମାନ ହୋଇଥାନ୍ତି । ଶ୍ରୀନୃସିଂହଙ୍କ ବାହୁଡ଼ା ବିଜେ ପରେ ରତ୍ନସିଂହାସନସ୍ଥ ଶ୍ରୀବିଗ୍ରହମାନଙ୍କର ଆଲଟ ଲାଗି ଓ ଅନ୍ୟାନ୍ୟ ନୀତିଗୁଡ଼ିକ ଅନୁଷ୍ଠିତ ହୋଇଥାଏ ।

ଶ୍ରୀନୃସିଂହଙ୍କ ଜନ୍ମ ତିଥିରେ ସମସ୍ତ କାମନାର ସିଦ୍ଧି ଏବଂ ଶତ୍ରୁନାଶ ନିମିତ୍ତ ବିଭିନ୍ନ ଉପଚାରରେ ପୂଜା ପୂର୍ବକ ନୈବେଦ୍ୟ ନିବେଦନ କରି ପ୍ରାର୍ଥନା କରିବା ବିଧେୟ । ଏଥି ସହିତ ଶ୍ରୀନୃସିଂହ ଚରିତ ସମ୍ବନ୍ଧୀୟ ପୁରାଣପାଠ ଏବଂ ନିମ୍ନ ମନ୍ତ୍ର ଜପ କଲେ ପ୍ରଭୁଙ୍କ କୃପା ଲାଭ ହୁଏ ।

ଓଁ ଉଗ୍ର ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋ ମୁଖମ୍ ।
ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୋର୍ମୃତ୍ୟୁଂ ନମାମ୍ୟହମ୍ ।।


● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*




# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ :**

ତା.୧୪.୦୪.୨୧ରିଖ ବୁଧବାର ଦିନ ମହାବିଷୁବ ସଂକ୍ରାନ୍ତି ନିମନ୍ତେ ଦୈନନ୍ଦିନ ନୀତି ପ୍ରକାରେ ମଙ୍ଗଳ ଆଳତି, ଅବକାଶ ନୀତି ବଡ଼ି ସକାଳ ଧୂପ ସରିବା ପରେ ଦକ୍ଷିଣ ଘରୁ ଶ୍ରୀହନୁମାନ ସିଂହାସନକୁ ବିଜେ ହୋଇ



ସକାଳ ଧୂପ ବେଶରେ ଲାଗି ହୋଇଥିବା ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନକୁ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା ହାତରେ ଆଣିଥିବା ଆଜ୍ଞାମାଳ ଘରି ଦ୍ୱାରରେ ବିରାଜମାନ କରିଥିବା ମହାବୀର ଏବଂ ବାରଭାଇ ହନୁମାନଙ୍କୁ ଦେଇ ଫେରିବା ପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀହନୁମାନ ବିଜେ କରିଥିଲେ । ସେଠାରେ ଥିବା ମହାବୀରଙ୍କୁ 'ଆଜ୍ଞାମାଳ' ଦିଆଯିବା ପରେ ଦରିଆ ମହାବୀରଙ୍କ ନିକଟକୁ 'ଆଜ୍ଞାମାଳ' ଯାଇଥିଲା । ସେଠାରୁ ଶ୍ରୀହନୁମାନ ଫେରିବାରେ ମଠରେ ଭୋଗ, ବନ୍ଦାପନା ବଡ଼ି ବାହୁଡ଼ା ବିଜେ ହୋଇଥିଲା । ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରିଲା ପରେ ମହାସ୍ନାନ ହୋଇ ନୂଆଲୁଗା ଲାଗି ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଚନ୍ଦନ ଆଣି ସର୍ବାଙ୍ଗ ଲାଗି କରିବାରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡ଼ି ଭୋଗ ଆସିଲା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ମଧ୍ୟାହ୍ନ ଧୂପ ପୂଜା ବସି ଟେରା ପଡ଼ିବାରେ ଜଣେ ପୂଜାପଣ୍ଡା, ପତ୍ରିବଡୁ, ଗରାବଡୁ ଓ ରୋଷ ପାଇକ ବଳିଅନ୍ନକୁ ଆଣି ମନ୍ଦିର ଘରିପାର୍ଶ୍ୱରେ ଦିଗବଳୀ ଦେଲା ପରେ ଭିତରକୁ ଯାଇ ଭୋଗ ସମାପନ କରିଥିଲେ ଏବଂ ପାଣି ପଡ଼ିଲା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବନ୍ଦାପନା କରିଥିଲେ ।

**ଶ୍ରୀମନ୍ଦିରରେ ଶ୍ରୀରାମନବମୀ :**

ତା.୨୧.୦୪.୨୧ରିଖ ବୁଧବାର ଦିନ ଶ୍ରୀରାମନବମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଥିଲା । ଯଥାବିଧି ଅନୁଯାୟୀ ମଧ୍ୟାହ୍ନ ଧୂପ ଉଠିଲା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇ ସୁଦୁ ସୁଆରଙ୍କ ଦ୍ୱାରା ପୋଛ ମରା କାର୍ଯ୍ୟ ସରିଲା ପରେ ପୂଜାପଣ୍ଡା, ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ । ମଧ୍ୟାହ୍ନ ଧୂପ ଭୋଗ ସରି, ଦକ୍ଷିଣ ଘର ଭୋଗ ସରିବା ପରେ ବିଜେ ପ୍ରତିମା ଶ୍ରୀରାମଚନ୍ଦ୍ର ମହାଜନଙ୍କ ହାତରେ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ମହାଜନଙ୍କ ମଧ୍ୟରୁ ୨ଜଣ ଦଶରଥ, କୌଶଲ୍ୟା ହୋଇ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମ ବିଧି ହୋଇଥିଲା । କର୍ପୂର ଆଳତି ହେଲା ପରେ ମହାସୁଆର ଗଣ୍ଡୁଷ ମସଲା, କ୍ଷୀର ମଣୋହି କରିଥିଲେ । ଏହାପରେ ପୂଜାପଣ୍ଡା ଜନ୍ମବିଧିମାନ କରାଇ ପଇତା ଲାଗି କଲାପରେ ଶୀତଳ ଭୋଗ ହୋଇଥିଲା । ପୁନର୍ବାର ମହାସୁଆର ଜୟ ବିଜୟ ଦ୍ୱାର ଠାରେ ଚରୁ ଭାତ ମଣୋହି କରିଥିଲେ । ଏହି ସମୟରେ କାଳିକାଦେବୀ ସାହି ଲୋକେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ରଷ୍ୟଶୃଙ୍ଗଙ୍କ ବେଶରେ ସଜ୍ଜିତ ହୋଇ ପ୍ରସ୍ତାବ ଆଗତ କରି ଚରୁ ଭାତ ସଙ୍ଗରେ ନେଇ ଫେରିଥିଲେ ଓ ଶ୍ରୀରାମଚନ୍ଦ୍ର ଦକ୍ଷିଣଘରକୁ ବାହୁଡ଼ା ବିଜେ ହୋଇଥିଲେ ।

**ଶ୍ରୀମନ୍ଦିରରେ ସୀତା ବିବାହ ଓ କାମଦା ଏକାଦଶୀ :**

ତା.୨୩.୦୪.୨୧ରିଖ ଶୁକ୍ରବାର ଦିନ ଚୈତ୍ର ଶୁକ୍ଳ ଏକାଦଶୀ ତିଥିରେ ଧୂପ ସରିଲା ପରେ ରାମ, ଲକ୍ଷ୍ମଣ, ସୀତା ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ ହୋଇଥିଲେ ।ଏହା ପରେ ଘଣ୍ଟ, ଛତା, ପଟୁଆରରେ ଜଗନ୍ନାଥବଲ୍ଲଭ ମଠକୁ ବିଜେ ହୋଇ ସେଠାରେ ପୂର୍ବରୁ ପଡ଼ିଥିବା ଖଟକୁ ବିଜେ କରିଥିଲେ । ଏହିଠାରେ ହରଚଣ୍ଡି ସାହି ଲୋକେ ପରଶୁରାମ ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

**ଶ୍ରୀମନ୍ଦିରରେ ଦୟଣା ଚୋରୀ ଓ ଅନଙ୍ଗ ତ୍ରୟୋଦଶୀ :**

ତା.୨୫.୦୪.୨୧ରିଖ ରବିବାର ଦିନ ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ପରମ୍ପରା ମୁତାବକ ଏକ ସ୍ୱତନ୍ତ୍ର ନୀତି ଯଥା- ଦୟଣାଚୋରି ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ଧୂପ ସରି ଦକ୍ଷିଣଘର ଭୋଗ ସମାପନ ହୋଇ ରାମକୃଷ୍ଣ ସିଂହାସନକୁ ଯାଇ ଆଜ୍ଞାମାଳ ପାଇଲା ପରେ ପୂର୍ବଦିନରୁ ଅଧିବାସ ହୋଇ ରହିଥିବା କନ୍ଦର୍ପପଟି ଆଗେ ଆଗେ ଯିବାରେ ରାମକୃଷ୍ଣ ପଛରେ ବିଜେ ହୋଇ ପାଲିଙ୍କିକୁ ବିଜେ ହୋଇଥିଲେ । କନ୍ଦର୍ପପଟି ଆଗରେ ଥାଇ ବିମାନବଡୁମାନଙ୍କ ଦ୍ୱାରା ପାଲିଙ୍କି, ଘଣ୍ଟ, ଛତା, କାହାଳୀ ପଟୁଆରରେ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ଖଟକୁ ରାମକୃଷ୍ଣ ଏବଂ କନ୍ଦର୍ପପଟି ବିଜେ ହୋଇଥିଲେ । ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସାମଗ୍ରୀମାନଙ୍କ ଦ୍ୱାରା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ରହି ସଂକଳ୍ପ ବାକ୍ୟ ଅନୁଯାୟୀ ହୋମ ହେବା ପରେ ଭୋଗ ଆସିବାରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ପରେ ପୂଜାପଣ୍ଡା ମଣୋହି କରାଇଥିଲେ । ଏହାପରେ ବନ୍ଦାପନା, ଚାମର, ଆଲଟ ହୋଇଥିଲା । ପରେ ତଡ଼ାଉକରଣ, ଦେଉଳକରଣ ମଶାଲ ନେଇ ଚଉଦ ଗଛ ଲାଗିଥିବା ଦୟଣା ବାରିକୁ ଯାଇ ଗଛମାନଙ୍କୁ ତନଖି କରି ଦୟଣାମାଳି



ଗଛମାନଙ୍କୁ ତନଖି କରି ମହାବୀରଙ୍କ ପାଖ ଦୟଣାବାରିରେ ୬ ଗଛ କରି ଲଗାଇଲା ପରେ ରାମକୃଷ୍ଣ ନିଶବ୍ଦରେ ଦୟଣାବାରିକୁ ବିଜେ ହୋଇଥିଲେ । ଏଠାରେ ଭିତରଛ ମହାପାତ୍ର ରାମକୃଷ୍ଣଙ୍କ ଶ୍ରୀହସ୍ତରେ ୨ଗଛ ଲାଗି କରିଥିଲେ ଓ ଅନ୍ୟ ୪ ଗଛକୁ ଦୟଣାପତ୍ରୀକୁ ଦେଇଥିଲେ । ତାହା ତାଡ଼ରେ ରଖାଯାଇ ଖଣ୍ଡୁଆ ଘୋଡ଼ାଇ ଆଗରେ ତାଡ଼ ପଛରେ ରାମକୃଷ୍ଣ ରହି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ପୂର୍ବରୁ ଧୋପଖାଳ ହୋଇ ରହିଥିବା ଭୋଗମଣ୍ଡପ ଘରେ ବାଲିବନ୍ଧ ଉପରେ ସୁବାସ ଗଛମାନ ଯଥା ମରୁଆ ଦୟଣା ଲାଗିଥିଲା । ପରେ ଦିଅଁମାନେ ପାଲିଙ୍କିରୁ ବିଜେ ହୋଇ ଗରୁଡ଼ ସ୍ତମ୍ଭ ନିକଟରେ ଦିଅଁଙ୍କ ଶ୍ରୀହସ୍ତରୁ ଦୟଣା ମୈଲମ ହୋଇ ତାଡ଼ରେ ରହିଥିଲା । ପରେ ବଡ଼ ସିଂହାର ବେଶ, ଭୋଗ ସରିବା ପରେ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ଆଜ୍ଞାମାଳ ପାଇ ଭୋଗମଣ୍ଡପ ଘରକୁ ବିଜେ ହୋଇଥିଲେ । ଏହାପରେ ମହାଜନେ ୩ଟି ଗଛକୁ ତିନି ଦିଅଁଙ୍କ ଶ୍ରୀହସ୍ତରେ ଲାଗି କରି ଅନ୍ୟ ତିନି ଗଛକୁ ସାମ୍ନାରେ ୩ ଗୋଟି ଘଙ୍ଗଡ଼ାରେ ରଖିଥିଲେ । ପରେ ପୂଜାପଣ୍ଡା ଆସି ଚେମେଡ଼ି, ପତନି, ଫୁଲ, ଚନ୍ଦନ ଦେଇ ମଣ୍ଡଳ ଉପରେ ଘଙ୍ଗୁଡ଼ିକୁ ରଖି ସାରିଲା ପରେ ଶୀତଳ ଭୋଗ ମଣୋହି କରିଥିଲେ । ଏହାପରେ ଭୋଗମଣ୍ଡପ ଗୃହ ମୁଦ ଦିଆଯାଇ ଭିତରେ ପାଣିପଡ଼ି ବଲ୍ଲଭ ବଡ଼ସିଂହାର ଭୋଗ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଉକ୍ତଦିନ ରାମନବମୀ ଲୀଳା ବନ୍ଦ ରହିଥାଏ ।

**ଶ୍ରୀମନ୍ଦିରରେ ଲଙ୍କା ପୋଡ଼ି ଓ ଚୈତ୍ର ପୂର୍ଣ୍ଣମୀ :**

ତା.୨୭.୦୪.୨୧ରିଖ ମଙ୍ଗଳବାର ଦିନ ଚୈତ୍ର ପୂର୍ଣ୍ଣମୀ ଉପଲକ୍ଷେ ସନ୍ଧ୍ୟା ଧୂପ ସରିଲା ପରେ ରାମ ଲକ୍ଷ୍ମଣ ଆଜ୍ଞାମାଳ ପାଇ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଦୋଳମଣ୍ଡପ ସାହି ଲୋକେ 'ଲଙ୍କା ପୋଡ଼ି' ପ୍ରସ୍ତାବ ଆଗତ କଲା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

# ଗନ୍ଧଯାତ୍ରା ଓ ଅକ୍ଷୟ ତୃତୀୟା



ଭଗବାନ ଶେଷଶାୟୀ ନାରାୟଣ ସୃଷ୍ଟିର ପ୍ରଣବମୟବୀଜ ସ୍ୱଂୟ କାଳରୂପରେ ପ୍ରଥମେ ଯୁଗଭାବରେ ପ୍ରକଟ ହୋଇଥିଲେ । ତାହାର ପ୍ରଥମ ପ୍ରକାଶମୟ ବିଗ୍ରହଙ୍କର ନାମ ସତ୍ୟନାରାୟଣ । ସେ ଶୁକ୍ଳାମ୍ବରଧର ଶଶୀବର୍ଣ୍ଣ ଚତୁର୍ଭୁଜ ପ୍ରସନ୍ନବଦନ ଏବଂ ସର୍ବବିଘ୍ନ ବିନାଶକ ଅଟନ୍ତି । ସେ ଯେତେବେଳେ ଯୁଗ ବା କାଳରୂପରେ ଆର୍ବିଭୂତ ହେଲେ, ସେତେବେଳେ ତାଙ୍କର ସ୍ୱରୂପ ସ୍ୱତନ୍ତ୍ର ଓ ଶୁଦ୍ଧ ଯଜ୍ଞ ତତ୍ତ୍ୱରେ ପରିପୂର୍ଣ୍ଣ ଥିଲା । ପ୍ରଜାପତି ସୌରମାନ ବିଶାଖା ନକ୍ଷତ୍ର ସମ୍ପୃକ୍ତ ବୈଶାଖ ଶୁକ୍ଳପକ୍ଷ ତୃତୀୟା ଦିନ ଯୋଗପୁରୀ ବା ବଦ୍ରିକାଶ୍ରମରେ ସତ୍ୟଯୁଗଙ୍କୁ ଦର୍ଶନ କଲେ । ସେ ଯୁଗ ତୁଷାର ଧବଳମୟକାନ୍ତିରେ ସମୁଜ୍ଜ୍ୱଳ ଏବଂ ଜଟାଜୁଟ ମଣ୍ଡିତ ଶିରଦେଶରେ ବିଦ୍ୟୁତ୍‌ବର୍ଣ୍ଣନିଭ ଉଷ୍ଣୀଷ ଯଜ୍ଞବସ୍ତ୍ର ଧାରଣ କରିଥିଲେ । କୃଷ୍ଣାଜୀନ ମେଖଳାରେ ତାଙ୍କର କଟିଦେଶ ଆବୃତ ଥିଲା । ଚାରିଗୋଟି ବିଶାଳ ଭୁଜରେ ସେ ଶ୍ରୁବ, ଶୃଚ, ବେଦ ଏବଂ ବ୍ରହ୍ମପାତ୍ର ବା କମଣ୍ଡଳୁ ଧାରଣ କରିଥିଲେ । ଏବଂଭୂତ ଯୁଗାବତାରଙ୍କ ଦର୍ଶନରେ ପ୍ରଜାପତି କୃତାର୍ଥ ଲାଭକରି ବିଶ୍ୱରେ ଯଜ୍ଞଧର୍ମକୁ ଯୁଗଧର୍ମ ରୂପରେ ପ୍ରସିଦ୍ଧ କରାଇଲେ । ସେହି ପବିତ୍ର ଦିବସଟି ଅନନ୍ତ କାଳରୁ ସତ୍ୟଯୁଗର ଦିବସ ରୂପେ ଯୁଗାଧିଦିବସ ତଥା ମହାପୁଣ୍ୟକାଳ ରୂପେ ବିବେଚିତ ତଥା ମାନ୍ୟତା ପାଇ ଆସୁଅଛି । ଏହିଦିନ ଶ୍ରୀଜଗନ୍ନାଥ ଦେବଙ୍କର ଗନ୍ଧୋତ୍ସବ ଆରମ୍ଭ ହୋଇଥାଏ ଏବଂ ରଥୋତ୍ସବର ଅଧିବାସ ହୋଇଥାଏ । ଏହି ଦିବସ ବିଷୟରେ ଭବିଷ୍ୟପୁରାଣ, ଅଗ୍ନିପୁରାଣ ପ୍ରଭୃତି ବହୁତତ୍ତ୍ୱ ପ୍ରକାଶକରିଅଛନ୍ତି । ମାତ୍ର ଏ ଦିବସ ଠାରୁ ପିପାସୁଙ୍କୁ ଶୀତଳ ଜଳଦ୍ୱାରା ପରିତୃପ୍ତ କରାଇବା ମୁଖ୍ୟକୃତ୍ୟ ବୋଲି ବିଦିତ ହୋଇଅଛି । ଶତାନିକ ଯମଙ୍କୁ କହୁଅଛନ୍ତି- ପୁରାକାଳରେ ଜଣେ ଅଧମ ଦ୍ୱିଜ ବାସକରୁଥିଲେ । ଦିନେ ତାଙ୍କର ଦ୍ୱାର ଦେଶରେ ତୃଷାର୍ତ୍ତ ବ୍ରାହ୍ମଣ ସହସା ଉପସ୍ଥିତ ହେଲେ ଏବଂ ପିପାସା ନିବାରଣାର୍ଥ ଜଳ ପ୍ରାର୍ଥନା କଲେ । ମାତ୍ର ଗୃହସ୍ଥ ଧର୍ମର ସବୁଠାରୁ ଶ୍ରେଷ୍ଠ କର୍ତ୍ତବ୍ୟକୁ ଅବମାନନାକରି ଉକ୍ତ ଗୃହସ୍ଥ କହିଲେ ।

ଅନ୍ନନାସ୍ତି ଜଳଂନାସ୍ତି ମଦ୍‌ଗୃହେ ନାସ୍ତି ଋସନମ୍
ଅନ୍ୟତ୍ର ଗଚ୍ଛ ଦୁର୍‌ବୁଦ୍ଧେ ଜଳଂପିବଯଥେପ୍ସିତମ ॥

ଗୃହସ୍ଥ ଧର୍ମର ଏପରି ଅଶିଷ୍ଟ ବ୍ୟତିକ୍ରମ ଦେଖି ତାହାର ପତ୍ନୀ ପୂଜ୍ୟ ଭର୍ତ୍ତାଙ୍କୁ କହିଲେ ମନୁଷ୍ୟର ଧନସମ୍ପତ୍ତି ଅର୍ଜନ ବଡ଼କଥାନୁହେଁ । ଭୋଗବିଳାସମୟ ଗୃହନିବାସ ଶ୍ରେଷ୍ଠଭୋଗ୍ୟ ନୁହେଁ । ନିଜର ଭୋଗବାସନା କୁକୁର ମଧ ଚରିତାର୍ଥ କରୁଅଛି । ଏପରି ବଚନ ଦ୍ୱାରା ଗୃହସ୍ଥଙ୍କୁ ଲଜ୍ଜିତ କରାଇ ସ୍ୱୟଂ ନମ୍ରତାର ସହିତ ଜଳଦାନ ଦ୍ୱାରା ବିପ୍ରଙ୍କର ପିପାସା ମେଣ୍ଟନ କରାଇଲା । ସେଦିନ ବୈଶାଖ ମାସର ଶୁକ୍ଳା ତୃତୀୟା ତିଥି ହୋଇଥିଲା । ଏହି ଗୃହସ୍ଥର ଧର୍ମକୁ ଆଦର୍ଶ କରି ସେହି ପବିତ୍ର ତିଥିକୁ ଯଜ୍ଞାବତାର ବିପ୍ର ଅକ୍ଷୟ ତୃତୀୟା ନାମରେ ଅଭହିତ କଲେ । ଆଜି ସେହି ଧର୍ମର ପ୍ରଭାବରେ ସିଂହଦ୍ୱାର ସମ୍ମୁଖରେ ଜଳଛତ୍ର ବସୁଛି । ଦ୍ୱାରେ ଦ୍ୱାରେ କୈବଲ୍ୟ ତୋରାଣିର ସଂଖ୍ୟା ଯଥେଷ୍ଟ କମିଗଲାଣି । ତୃଷାତୁର ପଥିକ ତାହା ପିଇବାକୁ ସମ୍ମାନ ହାନିକର ମନେକରିବା ମଧ ପରିଲକ୍ଷିତ ହେଲାଣି । ଏଅବସ୍ଥାରେ ଜଳଦାତାଙ୍କର ପ୍ରବୃତ୍ତର ପ୍ରଶ୍ନ କେଉଁଠି । ମାତ୍ର ମହାପ୍ରସାଦ ତୋରାଣି ଅକ୍ଷୟ ତୃତୀୟା ଠାରୁ ବିତରଣ କରିବା ପୁରୁଷୋତ୍ତମବାସୀଙ୍କର ପରମ ଧର୍ମଥିଲା । ତାହାର ଉଦ୍‌ଯାପନ ସ୍ନାନପୂର୍ଣ୍ଣିମା ଦିନ ଭିତରସେବାୟତ ବା ଅଙ୍ଗକାର ସେବକମାନଙ୍କ ଦ୍ୱାରା ବୈକୁଣ୍ଠ ତୋରାଣି ଦାନରେ ପରିସମାପ୍ତ ହେଉଥିଲା । ତାହାକୁ ଯେତେବେଳେ 'ଛତ୍ରତୋରାଣି' ଆଖ୍ୟା ଦିଆଗଲା ସେହି ଦିନଠାରୁ ତାହା ପିପାସୁ ଓ ଜଳଦାତା ମଧ୍ୟରେ ବିଭେଦ ପ୍ରାଚୀର ସୃଷ୍ଟିକଲା । ମାତ୍ର ଏହି ତୋରାଣିର ନାମ 'କୈବଲ୍ୟ ତୋରାଣି' । ଏହା ଦ୍ୱାରା ପିପାସୁର ପିପାସା ମେଣ୍ଟାଇବା ପରମଧର୍ମ ଅଟେ । ଏହା ନାନା ଶାସ୍ତ୍ରରେ ଉଚ୍ଚ ପ୍ରଶଂସିତ ଓ ଅଧ୍ୟାତ୍ମିକ ଆଚରଣ ବୋଲି ଉଲ୍ଲେଖ ଅଛି । ଜଳାଦି ଶୀତଳ ଦ୍ରବ୍ୟରେ ବୟସ୍କ ଓ ଅତିଥିଙ୍କୁ ସନ୍ତୋଷ କରାଯାଇଥାଏ ।

ଯା ଶୁକ୍ଳା କୁରୂଶାର୍ଦ୍ଦୁଳ ବୈଶାଖେ ମାସି ବୈତିଥି
ତୃତୀୟାସାଂକ୍ଷୟା ଲୋକେ ଗର୍ବାଣେରଭି ବନ୍ଧିତା
ଯେଽସ୍ୟାଂ ଦଦାତି କରକାନ୍ ଗାନ୍ଧବାରି ସମନ୍ୱିତାନ୍

ସଯାତି ପୁରୁଷୋବୀର ! ଲୋକାନ୍‌ବୈହେ ମ ମାଳିନଃ ବିଷ୍ଣୁଧର୍ମୋତ୍ତରେ ଲୋକକଲ୍ୟାଣ ନିମନ୍ତେ ଜଳାଦି ଶୀତଳଦ୍ରବ୍ୟ ପରିବେଷଣ ଯେପରି କର୍ତ୍ତବ୍ୟ ଇଷ୍ଟ ବିଗ୍ରହ ପୁରୁଷୋତ୍ତମଙ୍କ ଗନ୍ଧଯାତ୍ରା ଦୃଷ୍ଟିରୁ ଏହା ଚନ୍ଦନ ତୃତୀୟା ନାମରେ ଭବିଷ୍ୟ ପୁରାଣରେ ବିଦିତ ।

ବୈଶାଖେ ମାସିରାଜେନ୍ଦ୍ର । ତୃତୀୟା ଚନ୍ଦନସ୍ୟଚ ବ୍ରହ୍ମପୁରାଣରେ କହୁଅଛନ୍ତି ଯେ ଜନାଦନ ଜଗନ୍ନାଥଙ୍କୁ ଗନ୍ଧଦ୍ରବ୍ୟରେ ପୂଜା କରିବା କର୍ତ୍ତବ୍ୟ । ଏହାଦ୍ୱାରା ଜଗତ ଶୀତଳ ହୁଏ ।

ତେଣୁ ଅକ୍ଷୟତୃତୀୟା ଠାରୁ ମଞ୍ଚସ୍ନାନ ପର୍ଯ୍ୟନ୍ତ ଭଗବାନ ଜନାର୍ଦ୍ଦନ ରୂପ ଗ୍ରହଣ କରିଥାନ୍ତି । ତେଣୁ ଏହି ସମୟକୁ ଚନ୍ଦନୋତ୍ସବ କୁହାଯାଏ ।

ବୈଶାଖେ ମାସି ଶୁକ୍ଳାୟାଂ ତୃତୀୟାୟାଂ ଜନାର୍ଦ୍ଦନଃ
ଗନ୍ଧେଣପୂଜୟାମାସ ଯୁଗମାରବ୍ ଧବାନ କୃତଃ ॥

ସତ୍ୟଯୁଗର ପ୍ରାରମ୍ଭ ଦିବସ ରୂପେ, ଚନ୍ଦନୋତ୍ସବ ଆରମ୍ଭ ହୋଇଥାଏ । ଏହି ପବିତ୍ର ଦିବସଠାରୁ ମଦନସୁନ୍ଦରଙ୍କର ଗନ୍ଧୋତ୍ସବ ବା ଚନ୍ଦନଯାତ୍ରା ଅନୁଷ୍ଠିତ ହୁଏ । ଏଥିରେ ପୌରାଣିକ ବିବରଣୀ ପରେ ଯୋଗ ହୋଇଛି । ମାତ୍ର ଗ୍ରୀଷ୍ମକାଳରେ ତ୍ରିକାଳରେ ଇଷ୍ଟବିଗ୍ରହଙ୍କୁ ଶୀତଳ ଉପଚାର ଦ୍ୱାରା ଆରାଧନାକରି ଭୋଗୋଚ୍ଛିଷ୍ଟ ଭାବେ ସେହି ଶୀତ ଉପଚାରମାନ ଦାସାନୁଦାସଭାବେ ଅଙ୍ଗକାର କରିବା ଗନ୍ଧଯାତ୍ରାର ହେତୁ । ନୀଳାଦ୍ରି ଅର୍ଚ୍ଚନ ଚନ୍ଦ୍ରିକା ତଥା ଦ୍ୱାଦଶଯାତ୍ରା ବିଧାନରେ ମଧ୍ୟାହ୍ନ, ସନ୍ଧ୍ୟା ଓ ନିଶା ଏହି ତ୍ରିକାଳରେ ଯଥାକ୍ରମେ ଚନ୍ଦନଲାଗି, ନୌକାବିହାର, ଶୀତଳମଣୋହି ଓ ପଟୁଆରକୁ ମୁଖ୍ୟ ସ୍ଥାନ ଦିଆଯାଇଅଛି ।

ଗନ୍ଧାନୁଲେପନଂ କୁର୍ଯ୍ୟାତ୍ ମଧାହ୍ନେ କର୍ପୁରାନ୍ୱିତଂ
ପୂଜୟେତ୍ ଦେବଦେବେଶଂବ୍ୟଜନୈଷ୍ଟାମରୈ ସହଃ ॥
ଅସ୍ତାଚଳଗତେର୍ଭାନୁ ତଦାକେଳି ସମାଚରେଦ୍ୱ
କୌଳାୟାଂ ପୁଷ୍ପଦୋଳାୟାଂ ଶୁକ୍ଳପୁଷ୍ପସମନ୍ୱିତେ ॥
ନିଶାଭାଗେତୁ କର୍ତ୍ତବ୍ୟଂ ନୈବେଦ୍ୟଂ ଫଳ ପିଷ୍ଟକାନ୍
ପ୍ରପାନକଂର ପାୟସଂ ଶୀତଳଂ ମଧୁ ମିଶ୍ରିତମ୍ ॥
ନାନା ବାଦ୍ୟଂ ଚ କୃତ୍ୟଞ୍ଚ ଦୀପମାଳାଂ ସମର୍ପୟେତ୍
ପଠେତ୍ ଗୀତଞ୍ଚସ୍ତୋତ୍ରଞ୍ଚ ଭକ୍ତିଯୁକ୍ତେ ଯଥୋଚିତଂ
ଏବଂହିମୋପଚାରେଣ ପୂଜୟେତ୍ ମଧୁସୂଦନଂ
ଭବଜ୍ୱାଳା ବିନଶ୍ୟନ୍ତି ଭକ୍ତିତସ୍ୟାଚଳାଭବେତ୍ ॥

ଏହି ସମସ୍ତ ସେବା ହିଁ ଚନ୍ଦନଯାତ୍ରା । ଏହି ଯାତ୍ରାର ଦର୍ଶନ ଓ ଅନୁଭବ ଦ୍ୱାରା ସଂସାର ଜ୍ୱାଳା ପ୍ରଶମିତ ହୁଏ ।

*(ଉକ୍ତ ଆଲେଖ୍ୟ ୧୯୭୦ ମସିହା ମେ ୬ ତାରିଖରେ ପ୍ରକାଶିତ ଶ୍ରୀମନ୍ଦିର ସମାଚାରରୁ ସଂଗୃହୀତ ।)*

# ସ୍ୱତ୍ତ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୪୮) (ଛ)- ଲଙ୍କାପୋଡ଼ି

ଏହି ନୀତି ଚୈତ୍ର ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ । ବିମାନବଡୁ, ମହାଜନେ, ଘଣ୍ଟାର, ଛତାର, କାହାଳିଆ ଓ ଦୋଳମଣ୍ଡପ ସାହି ଲୋକଙ୍କ ଦ୍ୱାରା ଏହି ନୀତି କାର୍ଯ୍ୟ ସମ୍ପନ୍ନ ହୁଏ ।

ଏ ଦିନ ସନ୍ଧ୍ୟାଧୂପ ସରିବାପରେ ରାମ ଲକ୍ଷ୍ମଣ ଦୁଇ ମୂର୍ତ୍ତି ଭିତରୁ ଆଜ୍ଞାମାଳ ପାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ କରିବେ । ବିମାନବଡୁମାନେ ଆସି ପାଲିଙ୍କି ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇବେ । ଏହି ବିଜେ ସମୟରେ ଘଣ୍ଟାର ଓ କାହାଳିଆ ଘଣ୍ଟ ଓ କାହାଳୀ ବଜାଇବେ । ଛତାର ଛତା ଧରିବେ । ପାଲିଙ୍କି ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଲାପରେ ଦୋଳମଣ୍ଡପ ସାହି ଲୋକେ ଲଙ୍କାପୋଡ଼ି ପ୍ରସ୍ତାବ କରିବେ । ଏହାପରେ ଦିଅଁ ପାଲିଙ୍କିରେ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ବିଜେ କରିବେ । ଏହାପରେ ଭିତରେ ଅନ୍ୟାନ୍ୟ ନୀତି ହେବ ।



## (୪୮) (ଜ)- ସେତୁବନ୍ଧ

ଏହି ନୀତି ଚୈତ୍ର ପୂର୍ଣ୍ଣିମା ପରେ ବୈଶାଖ କୃଷ୍ଣପକ୍ଷ ପ୍ରତିପଦା ତିଥିରେ ଅନୁଷ୍ଠିତ ହୁଏ । ଏଦିନ ସନ୍ଧ୍ୟାଧୂପ ସରିବାପରେ ରାମ ଲକ୍ଷ୍ମଣ ଦୁଇ ମୂର୍ତ୍ତି ଭିତରୁ ଆଜ୍ଞାମାଳ ପାଇ ବଟ ମୂଳେ ଥିବା ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ଯିବେ । ଏଠାରେ ବାଲି ସାହି ଲୋକେ ସେତୁ ବନ୍ଧ ପ୍ରସ୍ତାବ କରିବେ । ଏହାପରେ ଦିଅଁ ପାଲିଙ୍କିରେ ବାହୁଡ଼ା ବିଜେ କରି ଦକ୍ଷିଣ ଘରକୁ ଯିବେ ।

## (୪୮) (ଝ)- ରାବଣ ବଧ

ଏହି ନୀତି ବୈଶାଖ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ହୁଏ । ଏ ଦିନ ସନ୍ଧ୍ୟା ଧୂପ ପୂଜା ବସିଥିବା ସମୟରେ ବାଲିସାହିରୁ ରାବଣ (ଜଣେ ଲୋକ ରାବଣ ବେଶ ହୋଇଥିବ) ଆସି ଜଗମୋହନ କାଠ ପାଖରେ ଠିଆ ହେବ ଓ ସିଂହାସନ ଛୁଆଁ ଆଜ୍ଞାମାଳ ପାଇ ସାହି ବୁଲିବା ନିମନ୍ତେ ଯିବ । ସନ୍ଧ୍ୟା ଧୂପ ବଢ଼ିବା ପରେ ରାମ ଲକ୍ଷ୍ମଣ ଦୁଇ ମୂର୍ତ୍ତି ଭିତର ସିଂହାସନକୁ ବିଜେ କରିବେ । ଆଜ୍ଞାମାଳ ପାଇ ବଟମୂଳେ ଥିବା ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ଯିବେ । ଏଠାରେ ବାଲିସାହି ଲୋକେ ରାବଣ ବଧ ପ୍ରସ୍ତାବ କରିବା ପରେ ବାହୁଡ଼ା ବିଜେ ହୋଇ ଦିଅଁ ଦକ୍ଷିଣ ଘରକୁ ବିଜେ କରିବେ ।

## ଶ୍ରୀରାମନବମୀ (୪୮)- (ଞ) ଅଭିଷେକ

ଯେଉଁ ଦିନ ପୁଷ୍ୟା କକଡ଼ା ନକ୍ଷତ୍ର ଥାଇ ମହାପ୍ରଭୁଙ୍କ ତାରା ଶୁଦ୍ଧି ହୁଏ ସେହିଦିନ ଶ୍ରୀରାମନବମୀ ଅଭିଷେକ ନୀତି ଅନୁଷ୍ଠିତ ହୁଏ ।

ଏହି ନୀତି ସକାଶେ ରା: ସୁପରିଂଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଅଭିଷେକ ଭୋଗ ସାମଗ୍ରୀ ଯୋଗାହୁଏ ।

ନିମ୍ନଲିଖିତ ସେବକମାନଙ୍କ ଦ୍ୱାରା ଏହି ନୀତି କାର୍ଯ୍ୟ ସମ୍ପନ୍ନ ହୁଏ-

(୧) ବିମାନବଡୁ (୨) ମହାଜନେ (୩) ମୂଳିଆ ସୁଆଁସିଆ (୪) ଘଣ୍ଟା (୫) ଛତାର (୬) କାହାଳିଆ (୭) ଆସ୍ଥାନ ପଢ଼ିଆରି (୮) ମହାସୁଆର (୯) ମୁଦିରସ୍ତ (୧୦) ପୂଜାପଣ୍ଡା ।

ଏହି ଦିନ ସନ୍ଧ୍ୟା ଆଳତି ସରିବାପରେ ଓ ଦକ୍ଷିଣ ଘର ଭୋଗ ସରିବାପରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମନ୍ତ ଭିତରକୁ ବିଜେ ହୋଇ ଆଜ୍ଞାମାଳ ପାଇ ବଟମୂଳେ ଥିବା ରଥରେ ବିଜେ କରିବେ । ବିମାନବଡୁମାନେ ଘଣ୍ଟା, କାହାଳୀ ନଥାଇ ନିଶବ୍ଦରେ ରଥ ନନ୍ଦିଗ୍ରାମଠାରୁ (ଜଗନ୍ନା ବଲ୍ଲଭ ମଠକୁ) ବିଜେ କରାଇବେ । ସନ୍ଧ୍ୟା ଧୂପ ପୂଜା ବସିଥିବା ସମୟରେ ଗୌଡ଼ବାଡ଼ ସାହିରୁ ଦୁଇ ଜଣ ଲୋକ ଭରତ, ଶତ୍ରୁଘ୍ନ ବେଶ ହୋଇ ମନ୍ଦିରକୁ ଆସିବେ ଓ ମନ୍ଦିର ଭଣ୍ଡାରରୁ ପାଦୁକା ନେଇ ଘଣ୍ଟ, ଛତା ଓ କାହାଳୀ ସହ ଅଭିଷେକ ହେବା ନିମନ୍ତେ ନନ୍ଦିଗ୍ରାମଠାକୁ ବିଜେ କରିବେ । ସେଠାରୁ ଘଣ୍ଟ, ଛତା, କାହାଳୀ ସହ ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଓ ହନୁମନ୍ତ ରଥରେ ଆସି ଲକ୍ଷ୍ମୀଙ୍କ ମନ୍ଦିର ଜଗମୋହନ ଖଟ ଉପରେ ମୂଳିଆ ସୁଆଁସିଆଁ ଦେଇଥିବା ଭଦ୍ରାସନ ଉପରେ ବିଜେ କରିବେ । ଏହାପରେ ମହାସ୍ନାନ ହେବ । ମାଳ ଫୁଲ ଲାଗି ହୋଇ ବେଶ ବଢ଼ିବ । ଆସ୍ଥାନ ପଢ଼ିଆରୀ ପାଣି ପକାଇ ମେକାପ ସରଘର ଠାକୁ ଅଭିଷେକ ଭୋଗ ଡାକିଯିବ । ମହାସୁଆର ଛେକ ଘେନି ଆସିବା ଉତ୍ତାରେ ମୁଦିରସ୍ତ ପ୍ରସାଦ ଲାଗି କରାଇବେ । ପୂଜାପଣ୍ଡା ଆସି ପଞ୍ଚୋପଚାରରେ ପୂଜାକରି ଭୋଗ ଲଗାଇବେ । ବନ୍ଦାପନା ହେବ । ଏହାପରେ ମହାଜନେ ଚଳନ୍ତି ମୂର୍ତ୍ତି ଦିଅଁଙ୍କୁ ହାତରେ ବିଜେ କରାଇ ଆଣି ଦକ୍ଷିଣ ଘରେ ବିଜେ କରାଇବେ । ଏହାପରେ ଭିତରେ ଅନ୍ୟାନ୍ୟ ନୀତି ହେବ । ରାମଜନ୍ମ ଠାରୁ ଅଭିଷେକ ପର୍ଯ୍ୟନ୍ତ ଗୁରୁବାର ପଡ଼ିଲେ ଏକାନ୍ତ ନୀତି ହୁଏ ନାହିଁ ।

## (୫୧)- ମହା ବିଷୁବ ସଂକ୍ରାନ୍ତି । (ପଣା ସଂକ୍ରାନ୍ତି)

ଏହି ଯାତ୍ରା ବୈଶାଖ ମହା ବିଷୁବ ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୁଏ ।

ଏଦିନ ସକାଳ ଧୂପ ବଢ଼ିବାପରେ ହନୁମନ୍ତ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରିବେ । ଘଣ୍ଟା, ଛତା, କାହାଳୀ ସହ ପଣ୍ଡା ଶ୍ରୀଅଙ୍ଗରୁ ଆଣିଥିବା ଗୋଟା ଆଜ୍ଞାମାଳ ଚଉଦ୍ୱାର ମହାବୀର ଓ ବାରଭାଇ ମହାବୀରଙ୍କୁ ଦେବା ଉତ୍ତାରେ ବିମାନବଡୁମାନେ ଘଣ୍ଟ, ଛତା, କାହାଳୀ ସହ ବିମାନ ଜଗନ୍ନାଥ ବଲ୍ଲଭ ମଠଠାକୁ ବିଜେ କରାଇବେ ଓ ମହାବୀର ବିମାନରେ ବିଜେହୋଇ ରହିଥିବେ । ସେଠାରୁ ପଣ୍ଡା ଜଗନ୍ନାଥ ବଲ୍ଲଭ ମହାବୀରମାନଙ୍କୁ ଆଜ୍ଞମାଳ ଦେବା ଉତ୍ତାରେ ଘଣ୍ଟ, ଛତା, କାହାଳୀସହ ଦରିଆ ମହାବୀରଙ୍କୁ ଆଜ୍ଞାମାଳ ଦେବା ନିମନ୍ତେ ଯିବେ । ସେଠାରୁ ଫେରିଆସି ଜଗନ୍ନାଥ ବଲ୍ଲଭମଠାରେ ଭୋଗ ବନ୍ଦାପନା ହୋଇବ । ଏଠାରେ ଭୋଗ ବନ୍ଦାପନା ବଢ଼ିବା ଉତ୍ତାରେ ବାହୁଡ଼ା ବିଜେ ହୋଇ ଆସି ଦକ୍ଷିଣଘର ସିଂହାସନଠାରେ ବିଜେ କରିବେ ।

ହନୁମାନ ଆଜ୍ଞାମାଳ ପାଇ ଯାଇ ସାରିବାପରେ ଭୋଗ ମଣ୍ଡପ ସରି ମୈଲମ ହୋଇବେ । ମହାସ୍ନାସାରି ନୂଆ ଲୁଗା ଲାଗି ହୋଇବେ । ଘଟୁଆରୀ ଘରଠାରୁ ପଣ୍ଡା, ପତି, ମୁଦିରସ୍ତେ ଚନ୍ଦନ ବିଜେ କରାଇ ଆଣି ଚନ୍ଦନ ଲାଗି କରିବେ । ଏହାପରେ ୬ ମୂର୍ତ୍ତି ଅଳଙ୍କାର ମାଳ, ଫୁଲ, କର୍ପୂର ଲାଗି ହୋଇବେ ଓ ବେଶ ବଢ଼ିବ । ଏ ଉତ୍ତାରେ ପାଣି ପଡ଼ି ରୋଷକୁ ଦ୍ୱିପ୍ରହର ଧୂପ ଡାକି ଗଲେ, ଭୋଗ ଆସିବା ପରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ । ଷୋଡ଼ଶଉପଚାର ପୂଜାରେ ଭୋଗ ହେବ । ପୂଜା ବଢ଼ି ଟେରା ପଡ଼ିଲା ଉତ୍ତାରେ ଜଣେ ପଣ୍ଡା ଉଠି ପତ୍ରି ଗରାବଡୁ ସହ ରୋଷ ପାଇକ ସଙ୍ଗେ ବଳି ଭାତ ଧରି ମନ୍ଦିର ଚଉରି ପାର୍ଶ୍ୱରେ ଦିଗବଳୀ କରିବାପରେ ଭିତରକୁ ଯାଇ ଭୋଗ ମଣୋହି କରାଇବେ । ଏ ଉତ୍ତାରେ ପାଣି ପଡ଼ିଲେ ପଣ୍ଡା, ପତି, ମୁଦିରସ୍ତେ ତିନି ବାଡ଼ରେ ବନ୍ଦାପନା କରନ୍ତି । ଏ ଉତ୍ତାରେ ଅନ୍ୟାନ୍ୟ ନୀତି ହୋଇବ । ●

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପର୍ବ-ପର୍ବାଣିରେ 'କାର୍ତ୍ତିକ-ପୂର୍ଣ୍ଣିମା'ର ସ୍ୱତନ୍ତ୍ରତା କ'ଣ ?

ଉ - କାର୍ତ୍ତିକ ହବିଷ୍ୟର ଶେଷ ଦିନ । ଏହି ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥ ରାଜବେଶ ହୋଇଥାନ୍ତି । କାର୍ତ୍ତିକ ମାସରେ ବାଲଧୂପ ମଧ୍ୟ ପୂର୍ଣ୍ଣିମା ଯାଏ ହୋଇଥାଏ । ଏହି ଦିନ ରାଜରାଜେଶ୍ୱର ବେଶରେ ରତ୍ନ ଅଳଙ୍କାର, ପୁଷ୍ପ ଅଳଙ୍କାର, ପଦକମାଳ ଅଧିକ ଲାଗି ହୋଇ ପାଟବସ୍ତ୍ର ଇତ୍ୟାଦିରେ ଶ୍ରୀବିଗ୍ରହମାନେ ସଜ୍ଜିତ ହୁଅନ୍ତି ।

୨. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଦ୍ରବ୍ୟମାନଙ୍କ ମଧ୍ୟରେ 'କାନୁ ଆସି ଗଡ଼ା' କହିଲେ କ'ଣ ବୁଝାଏ ?

ଉ - ଏହା ଏକ ପ୍ରକାର ସୂତା ବସ୍ତ୍ର । ଏହା ଠାକୁରଙ୍କ ନିକଟରେ ଲାଗି ହୁଏ ।

୩. ପ୍ର - ଶ୍ରୀମନ୍ଦିରରେ 'କାନ୍ଧ ପଇତି'କହିଲେ କ'ଣ ବୁଝାଏ ?

ଉ - ଶ୍ରୀବିଗ୍ରହଙ୍କ ସ୍କନ୍ଧ ଦେଶରେ ଦିଆ ଯାଉଥିବା ଏକ ବାଇଶି ହାତିଆ ଚଦର । ଏହାକୁ କାନ୍ଧବସ୍ତ୍ର ବା ଉତ୍ତରୀ ମଧ୍ୟ କୁହାଯାଏ ।

୪. ପ୍ର - ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା 'କାହାଳୀ' କ'ଣ ଗୁରୁତ୍ୱ ବହନ କରେ ?

ଉ - ଏହା ଏକ ଧାତୁ ନିର୍ମିତ ପେଁକାଳୀ ବା ତୁରୀ । ଏହା ସିଧା ଓ ଲମ୍ବ । ଏହା ମଧ୍ୟ ଭଙ୍ଗା ଓ ଖଞ୍ଜା । ପ୍ରତିଟି ମନ୍ଦିରରେ ଆଳତି, ଟେରା, ଧୂପ, ବଡ଼ସିଂହାର ପ୍ରଭୃତି ନୀତି ଓ ପ୍ରତ୍ୟେକଟି ପୂଜା ପରେ କାହାଳୀ ବାଜେ । ଶ୍ରୀମନ୍ଦିର ଯାନିଯାତ୍ରାରେ, ଠାକୁରଙ୍କ ବିଜେ ସମୟରେ କାହାଳୀ ବାଜିଥାଏ । ସ୍ନାନଯାତ୍ରା, ରଥଯାତ୍ରା ଓ ଝୁଲଣ ପ୍ରତ୍ୟେକ ଭିତର ବାହାର ବିଜେ ସମୟରେ କାହାଳୀ ବାଜିଥାଏ । ଆଶ୍ୱିନ ମାସ ଷୋଳ ପୂଜାରେ ଶ୍ରୀବିମଳାଙ୍କ ମନ୍ଦିରରେ ସକାଳ ଧୂପ, ସନ୍ଧ୍ୟା ଧୂପ ଓ ଆଳତିରେ କାହାଳୀ ବଜାଯାଏ । ସମସ୍ତ ପର୍ବପର୍ବାଣି ଓ ବିଗ୍ରହମାନଙ୍କର ବିଜେ ସମୟରେ କାହାଳୀ ବାଜେ । ଏତଦ୍‌ବ୍ୟତୀତ ଗଜପତିଙ୍କର ଶ୍ରୀମନ୍ଦିର ବିଜେ ସମୟରେ ମଧ୍ୟ କାହାଳୀ ବାଜେ ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୩୧ ମସିହା ପୁରୀ ରଥଯାତ୍ରା

**(ଭାଗ-୬୬-ସଂଖ୍ୟା ୩୦ - ତା ୨୫ ରିଖ, ଜୁଲାଇ)**


*ପୂର୍ବ ପ୍ରକାଶିତ ଉତ୍ତାରୁ ....*

ଏଥର ଗୁଣ୍ଡିଚା ଦିନ ରଥ ଆଦୌ ଚଳିଲା ନାହିଁ । ଠାକୁରଙ୍କ ପହଣ୍ଡି ବିଜେ ହେବାକୁ ସନ୍ଧ୍ୟାବେଳ ହେଲା । ଲୋକେ ପହଣ୍ଡି ବିଜୟ ଦର୍ଶନ କରିବା ନିମନ୍ତେ ପ୍ରାତଃକାଳରୁ ଅପେକ୍ଷା କରି ବସି ବସି ନିରାହାରରେ ଘୋର ଯନ୍ତ୍ରଣା ଭୋଗ କରିଥିଲେ, ତହିଁ ଉପରେ ପୁଣି ଶାନ୍ତିରକ୍ଷା ନିମନ୍ତେ ପୁଲିସଙ୍କର ଦାଉ କମ୍ ନଥିଲା ।



ନବଯୌବନ ଦର୍ଶନ ନିମନ୍ତେ ଲୋକଙ୍କର ଆଗ୍ରହ ଅତ୍ୟନ୍ତ ଅଧିକ । ଯେଉଁ ବର୍ଷମାନଙ୍କରେ ଏ ବର୍ଷ ଅପେକ୍ଷା ଅଧିକ ଯାତ୍ରୀ ହୋଇଥିଲେ ସେତେବେଳେ ମଧ୍ୟ ନବଯୌବନ ଦର୍ଶନ ବନ୍ଦ କରାଯାଇ ନଥିଲା । କିନ୍ତୁ ଏଥର ବିଶୃଙ୍ଖଳ ଭୟରେ ତାହା ନିଷେଧ କରାଗଲା । ଅର୍ଥାତ୍ କର୍ତ୍ତୃପକ୍ଷମାନେ ଏଥିର ସୁବ୍ୟବସ୍ଥା କରିବାକୁ ଅକ୍ଷମ ବୋଲି ପରିଚୟ ଦେଲେ । ଶନିବାର ଦିନ ରଥଟଣା ହେଲା ଏବଂ ଠାକୁରମାନେ ନିର୍ବିଘ୍ନରେ ଗୁଣ୍ଡିଚା ଘରେ ପହଞ୍ଚିଥିଲେ । ସ୍ୱେଚ୍ଛାସେବକମାନେ ଯଥେଷ୍ଟ ଯତ୍ନ ଓ ପରିଶ୍ରମ କରିଅଛନ୍ତି । ସେମାନଙ୍କର କାର୍ଯ୍ୟ ମଧ୍ୟ ସମସ୍ତେ ପ୍ରଶଂସା କରୁଅଛନ୍ତି । ଗୁଣ୍ଡିଚା ଦିନ ଏବଂ ତହିଁପରେ ଯାତ୍ରିମାନଙ୍କର ଯାହାର ଯେଉଁ ସ୍ଥାନରେ ଅସୁବିଧା ହୋଇଅଛି ତହିଁରେ ମଧ୍ୟ ସେମାନେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ଜଳ ଯୋଗାଇବା ଏବଂ ପଙ୍ଖା ଯୋଗାଇବା ଠାରୁ ଯେ ଯେଉଁଠାର କୌଣସି ପ୍ରକାର ଆଘାତ ପ୍ରାପ୍ତ ହୋଇ କିମ୍ବା ରୋଗଗ୍ରସ୍ତ ହୋଇ ସାହାଯ୍ୟ ଓ ଶୁଶ୍ରୁସାର ଆବଶ୍ୟକ ହେଉଥିଲା, ତତ୍କ୍ଷଣାତ୍ ସ୍ୱେଚ୍ଛାସେବକମାନେ ଉପସ୍ଥିତ ହୋଇ ତାହାଙ୍କୁ ସାହାଯ୍ୟ କରୁଥିଲେ । ଯେଉଁମାନେ ମୂର୍ଚ୍ଛା ହୋଇ ଯାଉଥିଲେ କିମ୍ବା କୌଣସି କାରଣରୁ ଅଶକ୍ତ ହୋଇ ଯାଇଥିଲେ ସେମାନଙ୍କୁ ଟ୍ରକ୍ସଚରରେ ବହି ନେଇ ଡାକ୍ତରଖାନାରେ ଚିକିତ୍ସା ଓ ଶୁଶ୍ରୁଷା କରୁଥିଲେ ।

ରଥଯାତ୍ରା ସମ୍ବନ୍ଧେ ଏଥର ପକେଟ କଟା ଚୋରି ଅନେକ ଘଟିଅଛି । ଗୁଣ୍ଡିଚା ଦିନ ଗୋଟିଏ ଉଡ଼ାଜାହାଜ ଆସି ପୁରୀରେ ପହଞ୍ଚିଥିଲା ।



ତା. ୨୭.୪.୨୧ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ବୌଦ୍ଧ ବନଖଣ୍ଡରୁ ତିନୋଟି ଟ୍ରକରେ ୯୬ଟି ଅସନ ଏବଂ ଧଉରା କାଠ ଶ୍ରୀକ୍ଷେତ୍ରରେ ପହଞ୍ଚିଛି ।

ଐତିହ୍ୟ ପୃଷ୍ଠାରୁ ...


## ନୀଳଶୈଳରେ କୃତପାପର ବିନାଶ ପାଇଁ ଆଉ ତୀର୍ଥ ନାହିଁ

ଯୋଗିନୀ ତନ୍ତ୍ରରେ କୁହାଗଲା ପୁରୁଷୋତ୍ତମ କ୍ଷେତ୍ରରେ ନଥିଲେ ମଧ୍ୟ ଜଣେ ଦୂରରେ ରହି ଶ୍ରୀପୁରୁଷୋତ୍ତମଙ୍କ କୀର୍ତ୍ତନ କଲେ 'ବିଷ୍ଣୁପୁର' ଲାଭ କରିଥାଏ । ଦୂରରେ ରହି ଯଦି ଶ୍ରୀପୁରୁଷୋତ୍ତମଙ୍କ ଧ୍ୱଜ ଦର୍ଶନ କରେ 'ବିଷ୍ଣୁଲୋକ' ପ୍ରାପ୍ତ ହୁଏ ।

ସର୍ବପାପ ବିନିର୍ମୁକ୍ତେ ବିଷ୍ଣୁଲୋକଂ ବ୍ରଜେନ୍ନରଃ ।
ଧ୍ୱଜଂ ଦୃଷ୍ଟ୍ୱା ହରେ ଦୂରାତ୍ ପ୍ରାସାଦୋପରି ସଂସ୍ଥିତମ୍ ॥ (୨।୧୦।୮୭)

ଶ୍ରୀପୁରୁଷୋତ୍ତମଙ୍କ ପ୍ରାସାଦର ଧ୍ୱଜ 'ପତିତପାବନ ବାନା' ରୂପେ ପ୍ରସିଦ୍ଧ । ମହାପ୍ରଭୁଙ୍କ ନାମ ବା ଗୁଣ କୀର୍ତ୍ତନ ଏବଂ ତାଙ୍କର ନୀଳଚକ୍ର ଉପରେ ଶୋଭାପାଉଥିବା ପତିତପାବନ ବାନାକୁ ତନ୍ତ୍ରରେ ମର୍ଯ୍ୟାଦା ଦିଆଯାଇଥିବାରୁ ସେ ବିଜେ କରିଥିବା ତୀର୍ଥ ଯେ ତନ୍ତ୍ରରେ କେଉଁପରି ମାନ୍ୟତା ଲାଭ କରିଥିଲା ବିଚାର କରିବା କଥା ।

ଶ୍ରୀପୁରୁଷୋତ୍ତମ ବିଜେ କରିଥିବା ତୀର୍ଥର ନାମ ମଧ୍ୟ ପୁରୁଷୋତ୍ତମ ତୀର୍ଥ । ସମସ୍ତ ବର୍ଣ୍ଣମାନଙ୍କ ମଧ୍ୟରେ 'ଅକାର' ଯେପରି ଶ୍ରେଷ୍ଠ, ଛନ୍ଦ ମଧ୍ୟରେ 'ଗାୟତ୍ରୀ' ଯେପରି ଶ୍ରେଷ୍ଠ, ଜଳଜନ୍ତୁମାନଙ୍କ ମଧ୍ୟରେ ବରୁଣ ଯେପରି ଶ୍ରେଷ୍ଠ, ସଂଯମ ମଧ୍ୟରେ 'ଯମ' ଯେପରି ଶ୍ରେଷ୍ଠ, ନଦୀମାନଙ୍କ ମଧ୍ୟରେ ସମୁଦ୍ର ଯେପରି ଶ୍ରେଷ୍ଠ, ଠିକ୍ ସେହିପରି ସର୍ବତୀର୍ଥ ମଧ୍ୟରେ 'ପୁରୁଷୋତ୍ତମ ତୀର୍ଥ' ଶ୍ରେଷ୍ଠ । (୨।୧୦।୧୭-୨୦) ।



କାହିଁକି ଶ୍ରେଷ୍ଠ ! ତାର ରହସ୍ୟ ବି ଯୋଗିନୀ ତନ୍ତ୍ରରେ ଖୋଲି ଦିଆଯାଇଛି । ଗୟା କ୍ଷେତ୍ରରେ ଜଣେ ଯଦି ପାପ କଲା (ପାପାୟ ପରପୀଡ଼ନମ୍, ଅନ୍ୟକୁ ପୀଡ଼ା ଦେବା ପାପ । ପୀଡ଼ା ଚାରି ପ୍ରକାର :- ଶାରୀରିକ ପୀଡ଼ା ବା କଷ୍ଟ, ମାନସିକ ପୀଡ଼ା, ଆର୍ଥିକ ପୀଡ଼ା ଓ ବାଚନିକ ପୀଡ଼ା) ତାହା ରାମ କ୍ଷେତ୍ରରେ ବିନଷ୍ଟ ହୁଏ ।

ରାମକ୍ଷେତ୍ରରେ ଯଦି ପାପ ଆଚରଣ କଲା ତେବେ ମଣିକୂଟ କ୍ଷେତ୍ରରେ ତାହା ବିନଷ୍ଟ ହୁଏ । ମଣିକୂଟରେ ଯଦି ପୁଣି ପାପ ଆଚରଣ କରେ ତେବେ ନୀଳଶୈଳ କ୍ଷେତ୍ରରେ ବା ପୁରୁଷୋତ୍ତମ କ୍ଷେତ୍ରରେ ନଷ୍ଟ ହୁଏ । ଆଉ ଯଦି ନୀଳଶୈଳରେ ପାପ ଆଚରଣ କଲା ? ସେ ପାପ ନଷ୍ଟ ପାଇଁ ଆଉ କ୍ଷେତ୍ର ନାହିଁ । କେବଳ ଅନ୍ତଃକରଣରେ ତାଙ୍କ ନଷ୍ଟ କରାଯାଇ ପାରିବ ।

ତନ୍ତ୍ର ପରମ୍ପରାର 'ଯୋଗ' ରହସ୍ୟ କଥା ଏଥିରେ ଠାରି ଦିଆଯାଇଛି । ନୀଳଶୈଳରେ ଯିଏ ପାପ କରିବ, ତାର ଆଉ ଚଳନ ନାହିଁ । ନିଜ ଅନ୍ତରରେ ଚଳନ କରାଇବାକୁ ପଡ଼େ । ଆତ୍ମସାତ୍ କରିବାକୁ ପଡ଼େ । ପୁଣ୍ୟରେ ରୂପାନ୍ତରିତ କରାଇ ମହାନୁଭବତାକୁ ଆପଣେଇବାକୁ ପଡ଼େ । ମହାନୁଭବ ନ ହେଲେ ମାନବବାଦର ଧାରା ସୃଷ୍ଟି ହୋଇପାରିବ ନାହିଁ । ମାନବବାଦର ଧାରା ସୃଷ୍ଟି ପରେ ତାକୁ ପରୋପକାରରେ ବୁହାଇଦେବାକୁ ପଡ଼େ । ସେ ସୁଯୋଗ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ହିଁ ରହିଛି । ପରୋପକାରାୟ ସ୍ୱର୍ଗାୟ.... ।

● ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାବେଳୀ ଗଳି, ପୁରୀ-୧

# ଶ୍ରୀମନ୍ଦିର ଉପାସନାରେ ଶ୍ରୀକ୍ଷେତ୍ର ସାହିଯାତ



ତା. ୨୧.୪.୨୧ରେ କାଳୀକାଦେବୀ ସାହି ପକ୍ଷରୁ ଶ୍ରୀରାମନବମୀ ଲୀଳା ।



ତା. ୨୨.୪.୨୧ରେ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞରକ୍ଷା ଲୀଳା ।



ତା. ୨୩.୪.୨୧ ରେ ସୀତା ବିବାହ ଅବସରରେ ହରଚଣ୍ଡୀ ସାହିରୁ ପର୍ଶୁରାମ ଶ୍ରୀଜଗନ୍ନାଥ ବଲ୍ଲଭରେ ନୀତି ସମ୍ପନ୍ନ କରୁଛନ୍ତି ।



ତା. ୨୭.୪.୨୧ ରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ଲୀଳା ।



ତା. ୨୮.୪.୨୧ରେ ବାଲି ସାହି ପକ୍ଷରୁ ସେତୁବନ୍ଧ ଲୀଳା ।



ତା. ୩୦.୪.୨୧ରେ ବାଲି ସାହି ପକ୍ଷରୁ ରାବଣ ବଧ ଲୀଳା ।

# ଫଟୋରେ ଖବର...



ତା. ୧୪.୪.୨୧ରେ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ଶ୍ରୀମନ୍ଦିର ସେବକ ଓ କର୍ମଚାରୀମାନଙ୍କ ଜରୁରୀକାଳୀନ ଆବଶ୍ୟକତା ନିମନ୍ତେ ଖୋଲା ଯାଇଥିବା 'ପ୍ରାଥମିକ ଚିକିତ୍ସା କେନ୍ଦ୍ର'କୁ ଶ୍ରୀମନ୍ଦିର ଦର୍ଶନ ନିମନ୍ତେ ଆସିଥିବା ୨ଜଣ ବୟୋଜ୍ୟେଷ୍ଠ ଭକ୍ତଙ୍କ ଦ୍ୱାରା ଶୁଭାରମ୍ଭ କରାଯାଉଛି ।



ତା. ୧୫.୪.୨୧ରେ ନୀଳାଦ୍ରି ଭକ୍ତ ନିବାସଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୋଭିଡ଼-୧୯ ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧକ ହୋମିଓପାଥିକ୍ ଔଷଧ ବଣ୍ଟନ ଶିବିରରେ ସେବକମାନଙ୍କୁ ଔଷଧ ବଣ୍ଟନ କରାଯାଉଛି ।




ତା. ୧୬.୪.୨୧ରେ ଭିଡ଼ିଓ କନ୍‌ଫରେନ୍ସରେ କୋଭିଡ଼ ପରିପ୍ରେକ୍ଷୀରେ ସମସ୍ତ ନିଯୋଗ ସହ ଏସ୍.ଓ.ପି ସମୀକ୍ଷା ନେଇ ବୈଠକ ।



ତା. ୨୧.୪.୨୧ ରେ ଚଳିତ ବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ନିମନ୍ତେ ଶ୍ରୀରାମ ନବମୀ ଅବସରରେ କଟକ ଖପୁରିଆସ୍ଥିତ ସରକାରୀ ସ'ମିଲ୍‌ରେ ରଥକାଠ ଚିରଟ ଅନୁକୂଳ କରାଯାଉଛି ।




ତା. ୨୧.୪.୨୧ରେ ନୀଳାଦ୍ରି ଭକ୍ତ ନିବାସଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'କୋଭିଡ଼ ସମୀକ୍ଷା' ବୈଠକ ।



କୋଭିଡ଼-୧୯ ପାଇଁ ଭକ୍ତମାନଙ୍କ ସୁରକ୍ଷା ନିମନ୍ତେ ଶ୍ରୀମନ୍ଦିର ସାନିଟାଇଜ କରାଯାଉଛି ।

# ସନ୍ଥବାଣୀ ସତ ହେଲା

ବିଂଶ ଶତାବ୍ଦୀର ତୃତୀୟ ଦଶକ ବେଳର କଥା । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଭିତରେ ଗରୁଡ଼ ସ୍ତମ୍ଭ ପଛରେ ଠିଆ ହୋଇ ଜଣେ ସୁଦର୍ଶନ ଚେହେରା ବିଶିଷ୍ଟ ସନ୍ନ୍ୟାସୀ କର ପତ୍ର ଯୋଡ଼ି ଇଂରାଜୀ ଭାଷାରେ ପ୍ରାର୍ଥନା କରୁଥାନ୍ତି । ଦର୍ଶକମାନେ ଆବାକାବା ହୋଇ ଚାହିଁ ରହିଥାନ୍ତି । କିଏ ସେ ଏ ସନ୍ନ୍ୟାସୀ ! ପ୍ରାର୍ଥନା କରୁଛନ୍ତି ଅତି ମଧୁର ସ୍ୱରରେ ପୁଣି ଇଂରାଜୀ ଭାଷାରେ ! ସେବକମାନେ ଭାବିଲେ ସନ୍ନ୍ୟାସୀ ବୋଧହୁଏ ହିନ୍ଦୁ ଧର୍ମର ନୁହଁନ୍ତି । ଇଂରାଜୀ ଭାଷାରେ ପ୍ରାର୍ଥନା କରୁଛନ୍ତି ଯେତେବେଳେ ସେ ନିଶ୍ଚୟ ଅନ୍ୟ ଧର୍ମାବଲମ୍ବୀ ହୋଇଥିବେ । ସେମାନେ ଏକଥା ବଡ଼ପଣ୍ଡାଙ୍କୁ ଜଣାଇଲେ । ବଡ଼ପଣ୍ଡା ଆସି ସନ୍ନ୍ୟାସୀଙ୍କ ସହ କଥାବାର୍ତ୍ତା କରି ଜାଣିଲେ ସନ୍ନ୍ୟାସୀ ଜଣେ ତାମିଲ ଭାଷାଭାଷୀ ଡାକ୍ତର । ଆଦି ଶଙ୍କରାଚାର୍ଯ୍ୟ ପନ୍ଥାରେ ଦୀକ୍ଷା ଗ୍ରହଣ କରି ସନ୍ନ୍ୟାସୀ ହୋଇଛନ୍ତି । ଋଷିକେଶ ଆଶ୍ରମରେ ରହି ସାଧନା କରୁଛନ୍ତି । ଶ୍ରୀକ୍ଷେତ୍ରକୁ ଆସିଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ । ଏବେ ରହୁଛନ୍ତି ଗୋବର୍ଦ୍ଧନ ପୀଠରେ । ଶ୍ରୀଜଗନ୍ନାଥ ମହାପ୍ରଭୁ କଳିଯୁଗରେ ସାକ୍ଷାତ୍ ବୈକୁଣ୍ଠ ଶ୍ରୀକ୍ଷେତ୍ରରେ ବିରାଜମାନ କରୁଛନ୍ତି । ଭକ୍ତମାନେ ଡାକିଦେଲେ ଓ କରନ୍ତି । ଭକ୍ତ ଜୟଦେବଙ୍କ ଗୀତଗୋବିନ୍ଦର ଶବ୍ଦ ପୂରଣ କରିବା ପାଇଁ ମହାପ୍ରଭୁ ଆପେ ଲେଖନୀ ଧରି ବସିଗଲେ । ତାଙ୍କ ନାମ ଧରିଲେ ସବୁକଥା ସମ୍ଭବ ହୋଇଥାଏ । ସେବକମାନେ ପ୍ରସ୍ତାବ ଦେଲେ ସନ୍ଧ୍ୟାବେଳକୁ ତାଙ୍କ ପ୍ରବଚନ ଶୁଣିବା ପାଇଁ । ସନ୍ନ୍ୟାସୀ ରାଜି ହେଲେ । ଚାରିଆଡ଼େ ପ୍ରଚାର ହୋଇଗଲା ଋଷିକେଶରୁ ଆସିଥିବା ଡାକ୍ତର ସନ୍ନ୍ୟାସୀ କିଛି ଅଲୌକିକତା ପ୍ରଦର୍ଶନ କରିବେ । ସିଂହଦ୍ୱାର ଚକଡ଼ାରେ ପ୍ରବଚନ ସଭା ଆୟୋଜନ କରାଗଲା । ପୁରୀର ଆଗ୍ରହୀ ବ୍ୟକ୍ତିମାନେ ଆସି ସେଠାରେ ଉପସ୍ଥିତ ହେଲେ । ସେତେବେଳେ ଟିକିଟିର ସାନଦେଓ ଏବଂ ରାଜ ଆଠଗଡ଼ର ରାଜକୁମାର ପୁରୀରେ ରହୁଥାନ୍ତି । ଦୁଇବଂଧୁ ବିଚାରକଲେ ଆଜି ସନ୍ନ୍ୟାସୀଙ୍କୁ ପରୀକ୍ଷା କରିବା । ସନ୍ନ୍ୟାସୀ ଅହିଂସା ଉପରେ ପ୍ରବଚନ ଦେଉଥାନ୍ତି । ମହାପ୍ରଭୁଙ୍କ ମହିମା ବଳରେ ଖାଦ୍ୟ ଖାଦକ କିଭଳି ହିଂସା ପରିତ୍ୟାଗ କରିପାରନ୍ତି ତାହା ଭାବବିହ୍ୱଳ ହୋଇ ବୁଝାଇ ଚାଲିଥାନ୍ତି । ଦର୍ଶକମାନଙ୍କ ଗହଣରେ ଥିବା ଜଣେ ରାଜକୁମାର ବ୍ୟାଗ ଭିତରେ ଧରି ଆସିଥିବା ମୂଷିକଟିଏ ବାହାର କରି ସଭାସ୍ଥଳରେ ଛାଡ଼ିଦେଲେ । ଏହି ସମୟରେ ଅନ୍ୟବଂଧୁ ଜଣକ ସାଥିରେ ଆଣିଥିବା ବିରାଡିଟିଏ ମଧ୍ୟ ମୂଷିକ ପଛେ ପଛେ ଛାଡ଼ି ଦେଲେ । ମୂଷିକଟି ପ୍ରାଣ ବିକଳରେ ଯାଇ ସନ୍ନ୍ୟାସୀଙ୍କ ପାଦତଳେ ଶରଣ ନେଲା । ପତିତପାବନ ବାନାକୁ ଚାହିଁ ସନ୍ନ୍ୟାସୀ ତାକୁ ଆଶ୍ରୟ ଦେଲେ । ଏହି ସମୟରେ ଖାଦ୍ୟ ପଛେ ପଛେ ଧାଇଁ ଧାଇଁ ବିରାଡିଟି ପହଞ୍ଚିଲା ସନ୍ନ୍ୟାସୀଙ୍କ ପାଖରେ । ନୀଳଚକ୍ରକୁ ଚାହିଁ ସନ୍ନ୍ୟାସୀ ଅଭୟ ମୁଦ୍ରାରେ ତାକୁ ଶାନ୍ତ ଏବଂ ଅହିଂସ ହେବାକୁ ନିର୍ଦ୍ଦେଶ ଦେଲେ । ସନ୍ନ୍ୟାସୀଙ୍କର ଦୁଇପାର୍ଶ୍ୱରେ ମୂଷିକ ଏବଂ ବିରାଡ଼ି ବସି ପ୍ରବଚନ ଶୁଣିବାକୁ ଲାଗିଲେ । ଜଣାଗଲା ସତେ ଯେପରି ସେମାନେ ମହାପ୍ରଭୁଙ୍କର ଦୁଇଗୋଟି ଅବୋଧ ସନ୍ତାନ । ହିମାଳୟସ୍ଥ ଋଷିକେଶରୁ ଆସିଥିବା ତେଜସ୍ୱୀ ସନ୍ନ୍ୟାସୀଙ୍କର ଶିଷ୍ୟ ପାଲଟି ଯାଇଛନ୍ତି । ଦୀର୍ଘ ପ୍ରବଚନ ପରେ ପ୍ରବଚନ ସଭା ଶେଷ ହେଲା । ଉପସ୍ଥିତ ଜନତା ସନ୍ନ୍ୟାସୀଙ୍କ ଆଶୀର୍ବାଦ ନେବାକୁ ଆସି ଉପସ୍ଥିତ ହେଲେ ନିକଟରେ । ଦୁଇଜଣ ଯାକ ରାଜକୁମାର ଆସି ସନ୍ନ୍ୟାସୀଙ୍କ ପାଦ ତଳେ ପଡ଼ିଗଲେ । ଆକୁଳ କଣ୍ଠରେ କହିଲେ ଆମେ ଆପଣଙ୍କ ଉଚ୍ଚାରଣ ଓ ଆଚରଣ ପରୀକ୍ଷା କରୁଥିଲୁ । ଧୃଷ୍ଟତା ପାଇଁ ଆମକୁ କ୍ଷମା କରିଦିଅନ୍ତୁ । ଆମକୁ ଆପଣଙ୍କ ପାଦତଳେ ଶରଣ ଦିଅନ୍ତୁ । ମହାତ୍ମା ମୁଖମଣ୍ଡଳରେ ଈଷତ୍ ହାସ୍ୟରେଖା ଖେଳାଇ କହିଲେ ମହାପ୍ରଭୁ ହେଉଛନ୍ତି ଦୟାନିଧି, କରୁଣାସାଗର । ତାଙ୍କର ସମସ୍ତେ ଅଲିଅଳ ସନ୍ତାନ । ସେ ସମସ୍ତଙ୍କର ପିତାମାତା, ରକ୍ଷାକର୍ତ୍ତା, ଶରଣଦାତା । ତାଙ୍କୁ ମନପ୍ରାଣ ଦେଇ ଡାକିଲେ ସେ ଅସମ୍ଭବକୁ ସମ୍ଭବ କରିପାରନ୍ତି ।



ପ୍ରକାଶ ଥାଉକି ସନ୍ନ୍ୟାସୀ ହେଉଛନ୍ତି ବିଶ୍ୱବିଖ୍ୟାତ ସନ୍ଥ ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ । ଶିଷ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଟିକିଟିର ସାନଦେଓ ଶରତ ଚନ୍ଦ୍ର ଦେବ ଏବଂ ଓଡ଼ିଶାରେ ଦିବ୍ୟ ଜୀବନ ଗଙ୍ଗାକୁ ଅବତରଣ କରାଇବାର ଭଗୀରଥ । ଦ୍ୱିତୀୟ ଶିଷ୍ୟ ଜଣକ ରାଜ ଆଠଗଡ଼ର ରାଜକୁମାର । ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ନାମରେ ପରିଚିତ ହୋଇଥିଲେ ଏବଂ ପୁରୀରେ ଅନ୍ତିମ କାଳ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ ।

● *ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ମେ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୪.୫.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରାମାଭିଷେକ |
| ତା. ୧୧.୫.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ରକ୍ମିଣୀ ଅମାବାସ୍ୟା |
| ତା. ୧୫.୫.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା ଆରମ୍ଭ |
| ତା. ୨୦.୫.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ |
| ତା. ୨୩.୫.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ମୋହନିନୀ ଏକାଦଶୀ |
| ତା. ୨୫.୫.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ନୃସିଂହ ଜନ୍ମ |

ସୌଜନ୍ୟ- OMC | ODISHA NEW OPPORTUNITIES

**ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।** *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : Jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri, Mob. : 94370-22145**
ମୂଲ୍ୟ : ଦୁଇଟଙ୍କା ମାତ୍ର